


## ସଂକ୍ଷେପରେ

### ଗଛରୁ ପଡ଼ି ନାବାଳକ ମୃତ

କାମାକ୍ଷାନଗର, ୧୦।୩(ଡି.ଏନ.ଏ.)- କେନ୍ଦୁଗଛରୁ ପଡ଼ି ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ଖଜୁରିଆ ଗାଁର ବିକୁନ ପାତ୍ର(୧୨)ଙ୍କ ରବିବାର ମୃତ୍ୟୁ ଘଟିଛି। ବିକୁନ ଗାଁ ପାଖ କେନ୍ଦୁଗଛରେ ଚଢିଥିବାବେଳେ ତଳକୁ ଖସିପଡିଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ କାମାକ୍ଷାନଗର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହେଲେ ଡାକ୍ତର ଠିକ୍‌ରେ ଚିକିତ୍ସା ନ କରିବାରୁ ବିକୁନଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଚିକିତ୍ସା କରୁଥିବା ଡାକ୍ତର ରାମରଞ୍ଜନ ମହାନ୍ତି କହିଛନ୍ତି, ବାଳକ ଜଣକ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଅଭିଯୋଗ ଭିତ୍ତିହୀନ। ମେଡିକାଲ ତରଫରୁ କଙ୍କଡାହାଡ ଥାନାକୁ ଖବର ଦିଆଯାଇଛି।

### ୨ ଅଜଗର ଉଦ୍ଧାର



ପରଜଙ୍ଗ, ୧୦।୩(ଡି.ଏନ.ଏ.)- ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ତଳବେରଣା ଗ୍ରାମ ପାନୀୟ ଜଳ ପ୍ରକଳ୍ପ ନିକଟରେ କେନାଲ ଖୋଳା ଯାଉଥିବା ସମୟରେ ୨ଟି ଅଜଗର ବାହାରିଥିଲେ। ୧୦ ଓ ୫ ଫୁଟ୍‌ର ଏହି ସାପ ଦୁଇଟିକୁ ପରଜଙ୍ଗ ଗ୍ରାମର ଲୋକେଶ ଦଳବେହେରା, ଗୁଡୁ ଦଳବେହେରା, ସୁବ୍ରତ ଦାସ ପ୍ରମୁଖ ଉଦ୍ଧାର କରି ପରଜଙ୍ଗ ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଣୀ ଚିକିତ୍ସକ ରଞ୍ଜିତ ସାହୁ ସାପର ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ବନବିଭାଗକୁ ସାପ ଦୁଇଟି ହସ୍ତାନ୍ତର କରାଯାଇଥିଲା। ରାତିରେ ୨ ଅଜଗରକୁ ଜଙ୍ଗଲରେ ଛଡ଼ା ଯିବ ବୋଲି ମହାବିରୋଡ଼ ରେଞ୍ଜର ହରମୋହନ ନାୟକ ସୂଚନା ଦେଇଥିଲେ।

### ଭିଭିପାଟ୍ ପରିଚାଳନା ସଚେତନତା

ଭୁବନ,୧୦।୩(ଡି.ଏନ.ଏ.)- ଭୁବନ ବ୍ଲକ ପରିସରରେ ରବିବାର ଭିଭିପାଟ୍ ଓ ଇଭିଏମ୍ ଭୋଟିଂ ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଜିପିଓ ଅଭିମନ୍ୟୁ ନାଏକ, କନିଷ୍ଠ ଯନ୍ତ୍ରୀ ଅଜୟ କିଶୋର ସୋରେନ ଲୋକମାନଙ୍କୁ ମତଦାନ ସମ୍ପର୍କରେ ଅବଗତ କରାଇଥିଲେ। ଆଗାମୀ ନିର୍ବାଚନରେ ଇଭିଏମ ଓ ଭିଭିପାଟ୍ ଦ୍ୱାରା ଲୋକେ ମତଦାନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ବିଜୟ ସଂକଳ୍ପ ସମାବେଶ

କାମାକ୍ଷାନଗର, ୧୦।୩(ଡି.ଏନ.ଏ.)- କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ବାଉଁଶପାଳ ପଞ୍ଚାୟତ ଶିବୁଲାପସିଠାରେ ରବିବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ସନ୍ଦୀପ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ମାତୃପ୍ରସାଦ ନନ୍ଦ, ନବକିଶୋର ଗୁରୁ, ଦେବଦତ୍ତ ପଟ୍ଟନାୟକ, ଦେବାଶିଷ ହୋତାଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### କଂଗ୍ରେସ କର୍ମୀ ସମ୍ମିଳନୀ

ଛେଣ୍ଡିପଦା,୧୦।୩(ସ୍ୱ.ପ୍ର.)-ଛେଣ୍ଡିପଦା ବ୍ଲକ ୧୪ ନଂ. ଜୋନ୍‌ରେ ରବିବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ସାହୁଙ୍କ ସଭାପତିତ୍ୱ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପରାମର୍ଶ ଦେଇଥିଲେ। ପିସିସି ଉପସଭାପତି ଇଂ. ସସ୍ମିତା ବେହେରା, ରାଜ୍ୟ ଓବିସି ସେଲ୍ ଉପ ସଭାପତି ବେଣୁଧର ସାହୁ, ଜିଲା ଓବିସି ସେଲ୍ ସଭାପତି ଜିତେନ୍ଦ୍ର ସାହୁ, ଜିଲା କଂଗ୍ରେସ କମିଟି ଉପସଭାପତି ଉତ୍ତମ ପ୍ରସାଦ ସାହୁ, ପଦ୍ମଚରଣ ମାଝୀ, ରତ୍ନାକର ପ୍ରଧାନ, ବିପିନ କୁମାର ପାତ୍ର, ଶୋଭାଗିନୀ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ■ବାଜିଲା ନିର୍ବାଚନ ବିଗୁଲ୍

# ଆଶଙ୍କାରେ ଆଶାୟୀ, ପ୍ରଶାସନ ସଜାଗ

ଅନୁଗୋଳ ଅଫିସ, ୧୦।୩

୨୦୧୯ ସାଧାରଣ ନିର୍ବାଚନ ପାଇଁ ରବିବାର ବିଧିବଦ୍ଧ ଭାବେ ବିଗୁଲ ବାଜିଛି। ନିର୍ବାଚନ କମିଶନ ୭ଟି ପର୍ଯ୍ୟାୟରେ ଦେଶରେ ଭୋଟ୍ ଗ୍ରହଣ ହେବ ବୋଲି ଘୋଷଣା କରିଛନ୍ତି। ତେବେ ଓଡ଼ିଶାରେ ୪ଟି ପର୍ଯ୍ୟାୟ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଥିବା ଜଣାପଡ଼ିବା ପରେ ଏବେ ଅନୁଗୋଳ ଜିଲାର ସମସ୍ତ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ବିଶେଷକରି ଆଶାୟୀ ଥିବା ନେତାମାନେ ସେମାନଙ୍କ କସରତକୁ ଜୋରଦାର କରିଛନ୍ତି। କିନ୍ତୁ କାହା ମୁଣ୍ଡରେ ଦଳୀୟ ଶିରପା ବନ୍ଧାଯିବ ତାହାକୁ ନେଇ ସେମାନେ ଆଶଙ୍କାରେ ପଡ଼ିଛନ୍ତି।

ଅନୁଗୋଳ ଜିଲାରେ ରହିଛି ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ। ଏଠାରେ ଉଭୟ ବିଜେଡି ଓ ଭାଜପାର ସ୍ଥିତି ବେଶ୍ ଦୃଢ଼ ରହିଛି। କଂଗ୍ରେସ ସାମାନ୍ୟ ଦୁର୍ବଳ ଥିଲେ ବି ଅନୁଗୋଳ ପୌରାଞ୍ଚଳରେ ଏହା ଶକ୍ତିଶାଳୀ ସାବ୍ୟସ୍ତ ହୋଇଆସିଛି। ତେଣୁ ତାରିଖ ଘୋଷଣା ସରିବା ପରେ ଉପରୋକ୍ତ ୩ ପ୍ରମୁଖ ଦଳ ସେମାନଙ୍କ ଗୋଟିଚାଳନା ଆରମ୍ଭ କରିଦେଇଛନ୍ତି। ଦଳରେ ପୁରୁଣା ଓ ନୂଆ ମୁହଁ ମଧ୍ୟରୁ କାହାକୁ ପ୍ରାର୍ଥୀ କରାଯିବ ସେ ନେଇ ଯୋଜନା ପ୍ରସ୍ତୁତ ହେଉଥିବା ବେଳେ ବିଜୁ ଜନତା ଦଳ ମହିଳା କାର୍ଡ ଖୋଲିବ ବୋଲି କୁହାଯାଉଛି। କଂଗ୍ରେସରେ ଏକାଧିକ ଆଶାୟୀ ଥିବାବେଳେ ସ୍କ୍ରିନିଂ କମିଟି ଦ୍ୱାରା ପ୍ରତି ନିର୍ବାଚନ ମଣ୍ଡଳୀରୁ ଦୁଇରୁ ତିନି ଜଣଙ୍କ ନାମ ହାଇକମାଣ୍ଡଙ୍କ ନିକଟକୁ ପଠାଯାଇଛି। ସେହିପରି ଭାଜପା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଘର ଅନୁଗୋଳ ଜିଲାରେ ହୋଇଥିବାରୁ ତାଙ୍କ ପସନ୍ଦ ମୁତାବକ ପ୍ରାର୍ଥୀ ଦେବାକୁ ଦଳ ଯୋଜନା କରିଛି। ତଥାପି ପୁରୁଣା କର୍ମକର୍ତ୍ତାମାନେ ଟିକେଟ ହାତେଇବାକୁ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ନିର୍ବାଚନ ସହ ଭୋଟଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ପ୍ରସ୍ତୁତି କରାଯାଇଛି। ଆଜିଠାରୁ ଆଚରଣବିଧି ଲାଗୁ ହୋଇଥିବାରୁ କଡ଼ାକଡ଼ି ଭାବେ ଏହି ନିୟମ ପାଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଯେଉଁମାନେ ଏହାର ଉଲ୍ଲଂଘନ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯିବ ବୋଲି କୁହାଯାଇଛି।

### ଆଚରଣବିଧି ଲାଗୁ, ହଟାଯାଉଛି ହୋର୍ଡିଂ

ଅନୁଗୋଳ ଅଫିସ: ନିର୍ବାଚନ କମିଶନଙ୍କ ପକ୍ଷରୁ ରବିବାର ନିର୍ବାଚନ ତାରିଖ ଘୋଷଣା କରାଯିବା ପରେ ଆଚରଣ ବିଧି ଲାଗୁ ହୋଇଛି। ତେଣୁ ନିୟମ ମୁତାବକ ରାସ୍ତା ପାର୍ଶ୍ୱ ଓ ଅନ୍ୟାନ୍ୟ ସ୍ଥାନରେ ସରକାରଙ୍କ ପକ୍ଷରୁ ଲଗାଯାଇଥିବା ବିଭିନ୍ନ ଯୋଜନାର ହୋର୍ଡିଂଗୁଡ଼ିକୁ ଉଠାଯିବା ଆରମ୍ଭ ହୋଇଛି। ଅନୁଗୋଳ ପୌରପାଳିକା ଓ ତହସିଲ ଅଧୀନରେ ମୋଟ୍ ୭୮୩ଟି ହୋର୍ଡିଂ, ବ୍ୟାନର ଓ ପୋଷ୍ଟର ଲଗାଯାଇଥିବା ଅନୁଗୋଳ ରିଟର୍ନିଂ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ରବିବାର ରାତିରେ ପୌରପାଳିକା ପକ୍ଷରୁ କିଛି ହୋର୍ଡିଂ ଖୋଲାଯାଉଥିବା ଦେଖିବାକୁ ମିଳିଛି।

## ପୃଥକ୍ ଦୁର୍ଘଟଣା, ୪ ଆହତ

ପରଜଙ୍ଗ, ୧୦।୩(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ବଡ଼କମର–ପଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତାର କୁରୁରିଆ ଛକ ନିକଟରେ ଅପରାହ୍ନ ୨ ଟା ବେଳେ ଏକ ବାଇକ୍ ଧକ୍କାରେ ମଦରଙ୍ଗା ଗ୍ରାମର ବଳରାମ ଦେହୁରୀ ଗୁରୁତର ହୋଇଛନ୍ତି। ଏଥିସହ ଧକ୍କା ଦେଇଥିବା ୨ ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକେ ମାଡ଼ ମାରିବାରୁ ଉଭୟେ ଆହତ ହୋଇଛନ୍ତି। ବଳରାମଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଆହତ ୨ ବାଇକ୍ ଆରୋହୀଙ୍କୁ ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ବାଇକ୍ ଜବତ କରିଥିବା ମହାବିରୋଡ଼ ଫାଣ୍ଡି ଅଧିକାରୀ ବିନୟ ସାହୁ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇନାହିଁ। ସେହିପରି ରବିବାର ସନ୍ଧ୍ୟାରେ ଏକ କାର୍(ନଂ. ଓଡି ୦୨ ଏନ୍ ୨୦୭୯) ଧକ୍କାରେ ବାରିହାପୁର ଗ୍ରାମର ଅର୍ଚ୍ଚନା ନାଏକ ଗୁରୁତର ହୋଇଛନ୍ତି। ସେ କାଠ ଧରି ଘରକୁ ଫେରୁଥିବା ବେଳେ କାମାକ୍ଷାନଗର ଆଡୁ ପରଜଙ୍ଗ ଆଡ଼କୁ ଆସୁଥିବା ଏହି କାର ଧକ୍କା ଦେଇଥିଲା। ଆହତଙ୍କୁ ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରଜଙ୍ଗ ଏସ୍‌ଆଇ ଜନ୍ମେଜୟ ପାତ୍ର, ସସ୍ମିତା ପାଲ ପହଞ୍ଚି କାର ଜବତ କରିଛନ୍ତି।

## ■ସମ୍ପର୍କୀୟ ଯୁବକଙ୍କୁ ହତ୍ୟା ମାମଲା

# ବିବାହର ୩ ଦିନ ପୂର୍ବରୁ ଯୁବତୀ ଗିରଫ

ପରଜଙ୍ଗ, ୧୦।୩ (ଡି.ଏନ.ଏ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମ୍ପର୍କୀୟ ଯୁବକଙ୍କୁ ହତ୍ୟା ମାମଲାରେ ଢେଙ୍କାନାଳ ଜିଲା ପରଜଙ୍ଗ ପୋଲିସ ଶନିବାର ଜଣେ ଯୁବତୀଙ୍କୁ ଗିରଫ କରିଛି। ସେ ହେଲେ ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ କୁରୁରିଆ ପଞ୍ଚାୟତ ବାଘମୁଣ୍ଡା ଗ୍ରାମର ମାନସୀ ସିଂ। ତାଙ୍କ ନାମରେ ମାମଲା ଥିବାବେଳେ ସେ ଘଟଣାପରଠାରୁ ଫେରାର ଥିଲେ। ଆସନ୍ତା ୧୩ ତାରିଖରେ ଅନୁଗୋଳ ଜିଲା କୋଶଳା ଅଞ୍ଚଳରେ ମାନସୀଙ୍କ ବିବାହ ସ୍ଥିର ହୋଇଥିବା ବେଳେ ପୋଲିସ ଗିରଫ କରଥିବା ଜଣାପଡିଛି।

ସୂଚନା ମୁତାବକ, ୨୦୧୭ ଅଗଷ୍ଟ ୧୩ରେ ପ୍ରଶାନ୍ତ ସିଂ ନାମକ ଜଣେ ଯୁବକଙ୍କୁ ତାଙ୍କ ସମ୍ପର୍କୀୟ ୬ ଜଣ ହତ୍ୟା କରିଥିବା ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ସେତେବେଳେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୨ ଜଣ ଫେରାର ଥିଲେ। ଫେରାର ୨ ଜଣଙ୍କ ମଧ୍ୟରେ ମାନସୀ ଥିଲେ। ଏ ସଂକ୍ରାନ୍ତରେ ଜିଆର ନଂ ୧୨୯ ଏ/୧୭ ମାମଲା ରୁଜୁ ହୋଇଥିଲା। କୋର୍ଟ ୱାରେଣ୍ଟ ବଳରେ ରବିବାର ସକାଳେ ପରଜଙ୍ଗ ଥାନା ଏସ୍‌ଆଇ ଜନ୍ମେଜୟ ପାତ୍ର, ଏଏସ୍‌ଆଇ ସୁଲୋଚନା ଘଡେଇ, ଗୋପବନ୍ଧୁ ବେହେରା ପ୍ରମୁଖ ଅଭିଯୁକ୍ତ ଯୁବତୀଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ଅନ୍ୟ ଜଣେ ମହିଳା ଅଭିଯୁକ୍ତ ଫେରାର ଅଛନ୍ତି।

## ଭାଗବତ ସପ୍ତାହ ପାଳନ ପ୍ରସ୍ତୁତି

ଅନୁଗୋଳ ଅଫିସ, ୧୦।୩

ଅନୁଗୋଳ ଇସ୍କନ ପକ୍ଷରୁ ଏପ୍ରିଲ୍ ୧ରୁ ୭ ପର୍ଯ୍ୟନ୍ତ ଭାଗବତ ସପ୍ତାହ ପାଳନ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ରବିବାର ବେଣାଗାଡ଼ିଆ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଭାଗବତ କଥା ଉତ୍ସବରେ ବୃନ୍ଦାବନ ନିବାସୀ ଇସ୍କନର ବରିଷ୍ଠ ଗୁରୁ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜ ପ୍ରବଚନ ଦେବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ପ୍ରବଚନ ଅନୁଷ୍ଠିତ ହେବ। ଇସ୍କନର ଶାଖା ପରିଚାଳକ ଜୟଗୋପାଳ ଦାସ, ଉପପରିଚାଳକ ଭାଗବତ ଦାସ ଓ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ, ବ୍ରହ୍ମଚାରୀ ତଥା ଅନେକ ଭକ୍ତ ବୈଠକରେ ଯୋଗଦାନ କରିଥିଲେ।

# ନବାହ୍ନ ପାରାୟଣ ମହାଯଜ୍ଞ




ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ।

ଢେଙ୍କାନାଳ ଅଫିସ,୧୦।୩

ଢେଙ୍କାନାଳ ପ୍ରସିଦ୍ଧ ଯାଉଁଳିପୋଖରୀ ମଠ ପରିସରରେ ରବିବାରଠାରୁ ୪୧ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ସନ୍ଧ୍ୟା ୭ଟାରୁ ପଣ୍ଡିତ ଉମାକାନ୍ତ ମହାପାତ୍ର ଶିବପାର୍ବତୀଙ୍କ ବିବାହ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ପାରାୟଣ ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ମହାରାଜଙ୍କ କୃତ ଶ୍ରୀରାମଚରିତ ମାନସ ନବାହ୍ନ କ୍ରମରେ ପାଠ ହେବ ବୋଲି ମଠର ମହନ୍ତ ଶ୍ରୀମୋହନ ଚରଣ ଦାସଜୀ ମହାରାଜଙ୍କ ସୂତ୍ରରୁ ଜଣାପଡିଛି। ସୋମବାର ଶ୍ରୀରାମ ଜନ୍ମର କାରଣ ଜନ୍ମୋତ୍ସବ ସମ୍ପର୍କରେ ପ୍ରବଚନ ପ୍ରଦାନ କରାଯିବ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀରାମଚରିତ ମାନସ କଥାମୃତ ଶ୍ରବଣ କରିଥିଲେ।

## ଏନ୍‌ଏସି ଅଧକ୍ଷାଙ୍କ ଦୁର୍ବ୍ୟବହାରକୁ ନିନ୍ଦା

ହିନ୍ଦୋଳ,୧୦।୩(ଡି.ଏନ.ଏ.)

ହିନ୍ଦୋଳ ଏନ୍‌ଏସି ଅଧକ୍ଷା ରୀନା ବେହେରା ଶନିବାର ଜଣେ ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାକୁ ନିନ୍ଦା କରାଯାଇଛି। ହିନ୍ଦୋଳ ଏନ୍‌ଏସିରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଅଧକ୍ଷା ଜଣେ ଖବରଦାତାଙ୍କୁ ଫୋନ କରି ଦୁର୍ବ୍ୟବହାର କରିଥିବା ସଂଘ ଅଭିଯୋଗ କରିଛି। ଏ ନେଇ ସାତମାଇଲଠାରେ ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକରେ ସଭାପତି ସୁମନ୍ତ ଦେହୁରୀ, ସମ୍ପାଦକ ଦୀପ୍ତିକାନ୍ତ ପ୍ରଧାନ, ନରେଶ ଚନ୍ଦ୍ର ପାଳ, ସୌଭାଗ୍ୟ ରଞ୍ଜନ ସର, ସରୋଜ ମିଶ୍ର, ବିକ୍ରମ ସାହୁ, ପ୍ରଭାତ ରଞ୍ଜନ ପୃଷ୍ଟି, ବ୍ରହ୍ମାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏସି ଅଧକ୍ଷାଙ୍କ ଫୋନ ସୁଇଚ ଅଫ୍ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

## ■ବ୍ରହ୍ମାକୁମାରୀ ଅନୁଷ୍ଠାନର ସ୍ଥାପନା ଦିବସ

# ବିଚଳିତ ମନକୁ ସଂଯମ କର

ଢେଙ୍କାନାଳ ଅଫିସ,୧୦।୩

ଢେଙ୍କାନାଳ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ୪୫ ତମ ସ୍ଥାପନା ଦିବସ ରବିବାର ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଲେ ଯେ, ବିଚଳିତ ମନକୁ ସଂଯମୀ କରି ମଣିଷ ବସ୍ତୁବାଦୀ ଜୀବନ ଚର୍ଯ୍ୟାଠାରୁ ଉର୍ଦ୍ଧ୍ୱରେ ରହିବା ଆବଶ୍ୟକ। ପରାମାତ୍ମାଙ୍କ ସହ ସମ୍ପର୍କ ଯୋଡିବା ବର୍ତ୍ତମାନ ସମୟର ଆବଶ୍ୟକତା। ଏହାହିଁ ବାସ୍ତବରେ ରାଜଯୋଗ, ଯାହାକି ବ୍ରହ୍ମାକୁମାରୀ ଅନୁଷ୍ଠାନରୁ ଶିଖିବାକୁ ମିଳିଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ସାମଲ, ସିନର୍ଜୀ ଇଞ୍ଜିନିୟରିଂ କଲେଜ ପ୍ରିନ୍ସିପାଲ ଡ. ଇତିଶ୍ରୀ ମହାନ୍ତି ପ୍ରମୁଖ ବ୍ରହ୍ମାକୁମାରୀ ଅନୁଷ୍ଠାନ ଏକ ଉତ୍ତମ ମଣିଷ ତିଆରି କାରଖାନା ବୋଲି କହିଥିଲେ। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା ଉତ୍ସବରେ ସଭାପତିତ୍ୱ କରି ସୁଖମୟ ସଂସାର ଗଠନରେ ପରମାତ୍ମାଙ୍କ ଶିକ୍ଷା ଆହରଣ ଓ ରାଜଯୋଗ ଅଭ୍ୟାସ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କଣ୍ଠଶିଳ୍ପୀ ଗଣେଶ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ବ୍ରହ୍ମାକୁମାର ବେଣୁଧର ବିବରଣୀ ପାଠ ଓ ସନ୍ତୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବ୍ରହ୍ମାକୁମାରୀ ଅନୁଷ୍ଠାନର ୪୫ତମ ସ୍ଥାପନା ଦିବସ।

# ୬୫ ୟୁନିଟ୍ ରକ୍ତ ସଂଗ୍ରହ




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଛେଣ୍ଡିପଦା,୧୦।୩(ସ୍ୱ.ପ୍ର.)

ଛେଣ୍ଡିପଦା ବିଜେଡି ପକ୍ଷରୁ ରବିବାର ସ୍ଥାନୀୟ ପିସିଆଇଟି ଯାନ୍ତ୍ରିକ ବିଦ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ ଯୋଗଦେଇଥିଲେ। ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ସଭାପତି ସତ୍ୟବ୍ରତ ଦେହୁରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ଜିଲା ସାଧାରଣ ସମ୍ପାଦକ ସପେନ୍ଦ୍ର କୁମାର ସାହୁ, ସୁଧୀର କୁମାର ନାଏକ, ତୃପ୍ତିମୟୀ ଗଡନାୟକ, ସରପଞ୍ଚ ରାକେଶ କୁମାର ପ୍ରଧାନ, ନନ୍ଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

ଢେଙ୍କାନାଳ ଅଫିସ,୧୦।୩

ଢେଙ୍କାନାଳ ଜିଲା ଯାଦବ ମହାସଭାରେ ଆଞ୍ଚଳିକସ୍ତରୀୟ ବୈଠକ ରବିବାର ଯୋରନ୍ଦାଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବହୁ ସଂଖ୍ୟାରେ ଯାଦବ ସମ୍ପ୍ରଦାୟର ବ୍ୟକ୍ତି ଯୋଗ ଦେଇଥିଲେ। ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରାଯିବା ସହ ଯାଦବମାନଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବରିଷ୍ଠ ସଦସ୍ୟ ତଥା ବିଜେଡି ଜୀବନବିନ୍ଦୁ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଦେବୀ ପ୍ରସାଦ ଭୂତିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଯାଦବମାନଙ୍କ ମଧ୍ୟରେ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ସେହିପରି ଆସନ୍ତା ସାଧାରଣ ନିର୍ବାଚନରେ ଯାଦବ ମହାସଭା ପକ୍ଷରୁ ଢେଙ୍କାନାଳ ବିଧାନସଭା ଆସନରୁ ଦେବୀ ପ୍ରସାଦ ଭୂତିଆଙ୍କୁ ପ୍ରାର୍ଥୀ କରାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ମହାସଭାର ଚାରିଦେଶ କାର୍ଯ୍ୟକାରୀ ସଭାପତି ସାରଙ୍ଗଧର ପ୍ରଧାନ, ଶରତଚନ୍ଦ୍ର ପ୍ରଧାନ, ବିମ୍ବାଧର ବେହେରା, କୈଳାସଚନ୍ଦ୍ର ବୋଇତଇ, ବିଜୟ କୁମାର ବେହେରା, ଶ୍ରୀକାନ୍ତ ଭୁତିଆ, ସୁରେଶଚନ୍ଦ୍ର ବେହେରା, ନାଟିମା ସଭାପତି ଗଙ୍ଗାଧର ବେହେରା ଓ ଯୁଗଳ କିଶୋର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପାର୍ଥସାରଥୀ ମହାକୁଳ ଧନ୍ୟବାଦ ଦେଇଥିଲେ।



ଯାଦବ ମହାସଭାର ଆଞ୍ଚଳିକସ୍ତରୀୟ ବୈଠକ।

## ଗାଡ଼ି ଧକ୍କାରେ ଯୁବକ ମୃତ

ପାଲଲହଡ଼ା, ୧୦।୩(ଡି.ଏନ.ଏ.)

ଖମାର ଥାନା ନିମିରିବେଡା ଗ୍ରାମର ଏକ ଢାବା ନିକଟ ୧୪୯ ନମ୍ବର ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍‌ସାଇଟ ଥାନା ରେଙ୍ଗାଳି ଗ୍ରାମର ପରିକ୍ଷିତ ସାମଲ (୪୧)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ପରିକ୍ଷିତ ଜଣେ ଗାଡ଼ି ଚାଳକ। ସେ ଦେବଗଡ଼ ଜିଲା କଲା ଗ୍ରାମକୁ ଏକ ବାହାଘର କାର୍ଯ୍ୟରେ ଯୋଗ ଦେବାକୁ ଯାଇ ଫେରୁଥିଲେ। ନିମିରିବେଡାଠାରେ ରାସ୍ତା ପାର ହେଉଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ପୋଲିସ ନଂ. ୨୨/୧୯ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଧିକ ତଦନ୍ତ ଜାରିଥିବା ତଦନ୍ତକାରୀ ଅଧିକାରୀ ଗୌରାଙ୍ଗ ବେହେରା ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୧୧ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### ମହିଳା-ପୁରୁଷ ମଧ୍ୟରେ ତାରତମ୍ୟ ନାହିଁ

ଅନୁଗୋଳ ଅଫିସ, ୧୦।୩- ଅନୁଗୋଳ ନାରୀ ସୁରକ୍ଷା ସମିତି ପକ୍ଷରୁ ବିଶ୍ୱ ମହିଳା ଦିବସ କେମେଷ୍ଟି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଶିଖା ନାୟକ, ଅତିଥି ଭାବେ ରଣଜିତ ପଟ୍ଟନାୟକ, ଜୟନ୍ତୀ ସାମଲ, ମନୋରମା ପଣ୍ଡା, ସବିତା ନନ୍ଦ, କଳ୍ପନା ବେହେରା, ରଶ୍ମିତା ବେହେରା, ସୁରେଶ କୁମାର, ଶିଶିର ତ୍ରିପାଠୀ ଓ ଜିଲା ମଙ୍ଗଳ ଅଧିକାରୀ ଦେବାଶିଷ ପଟ୍ଟନାୟକ, ସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ମହିଳା ଓ ପୁରୁଷ ମଧ୍ୟରେ କୌଣସି ତାରତମ୍ୟ ନାହିଁ। ଲୋକଙ୍କ ଭାବନା ପରିବର୍ତ୍ତନ ହେଲେ ଏପରି ମାନସିକତାର ଅନ୍ତ ହେବ ବୋଲି ଅତିଥିମାନେ କହିଥିଲେ। ୨୦ ଜଣ ସାମାଜିକ କର୍ମୀଙ୍କୁ ଲିଡରଶିପ୍ ଉତ୍ତରୀୟ ଓ ମାନପତ୍ର ନାରୀ ସୁରକ୍ଷା ସମିତି ପକ୍ଷରୁ ପ୍ରଦାନ କରାଯାଇଥିଲା। ପଞ୍ଚାୟତ ପ୍ରତିନିଧି, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କ ସହ ସରକାରୀ ଓ ବେସରକାରୀ କର୍ମଚାରୀମାନେ ଯୋଗଦେଇଥିଲେ। ଅଞ୍ଜନା ମହାକୁଡ଼ ଧନ୍ୟବାଦ ଦେଇଥିଲେ।

### ଗୀତାଗ୍ରାମରେ ଆଧ୍ୟାତ୍ମିକ ସମାବେଶ

ଅନୁଗୋଳ ଅଫିସ, ୧୦।୩- ଅନୁଗୋଳ ଗୀତାଗ୍ରାମ ସ୍ଥିତ ବ୍ରହ୍ମାକୁମାରୀଜ ପକ୍ଷରୁ ଶାନ୍ତି ଶକ୍ତି ତୀର୍ଥ ଠାରେ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଅନୁଭୂତି ଧାମର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମିନତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଗୀତା ବିଶାରଦ ରଘୁନାଥ ମିଶ୍ର ଯୋଗଦେଇ ପରମାତ୍ମା ଶିବ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ନାରାୟଣ ଭାଇ, କ୍ଷୀରୋଦ ଭାଇ, ସରୋଜ ଭାଇ, ବିରଞ୍ଚି ଭାଇ, ଅଲେଖ ଭାଇ, ଅନୁ ଭଉଣୀ, ଦମୟନ୍ତୀ ଭଉଣୀଙ୍କ ସମେତ ବିଭିନ୍ନ ବ୍ରହ୍ମାକୁମାରୀ ପାଠଶାଳାରୁ ଆସିଥିବା ଶତାଧିକ ଭଉଣୀ ଓ ଭାଇ ଏଥିରେ ଅଂଶ ଗ୍ରହଣ କରିଥିଲେ।

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ, ୨ ଅଟକ

କଣିହାଁ,୧୦।୩(ଡି.ଏନ.ଏ.)-କଣିହାଁ ବ୍ଲକ ସମଲ ଥାନାଠାରୁ ମାତ୍ର ୨ ଶହ ମିଟର ଦୂରରେ ଥିବା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ଏଟିଏମ୍‌ରୁ ଶନିବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ କରିଥିଲେ। ଏଥିଯୋଗୁ ବହୁ ବ୍ୟାଙ୍କ ଉପଭୋକ୍ତା ରବିବାର ଟଙ୍କା ଉଠାଣକୁ ନେଇ ହନ୍ତସନ୍ତ ହେଇଥିଲେ। ଆଇଆଇସି ସୁନୀଲ କୁମାର କର କହିଛନ୍ତି, ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି। ସିସିଟିଭି ଯାଞ୍ଚ ସହିତ ବ୍ୟାଙ୍କ କାରବାରକୁ ନେଇ କିଛି ତଥ୍ୟ ହସ୍ତଗତ ହୋଇଛି। ଏ ନେଇ ନଂ. ୫୦/୧୯ରେ ଏକ ମାମଲା ରୁଜୁ ହୋଇଛି। ସୋମବାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ।

### ରୋଗୀକଲ୍ୟାଣ ସମିତି ବୈଠକ

ତାଳଚେର,୧୦।୩(ନି.ପ୍ର.)- ତାଳଚେର ଉପଖଣ୍ଡ ଡାକ୍ତରଖାନା ରୋଗୀକଲ୍ୟାଣ ସମିତିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ସମିତିର ଅଧ୍ୟକ୍ଷ ବ୍ରଜକିଶୋର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପଖଣ୍ଡ ଡାକ୍ତରଖାନାରେ ବିଶେଷକରି ଡାକ୍ତର ଅଭାବ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ୨୦୧୮-୧୯ ବଜେଟ ଉପସ୍ଥାପନା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଡାକ୍ତର ଓ କର୍ମଚାରୀ ଅଭାବ, ଡାକ୍ତରଖାନା ଜମି ଚିହ୍ନଟ କରାଯିବା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଏସ୍‌ଡିଏମ୍‌ଓ ଅଶୋକ ପ୍ରଧାନ, ଡା. ସସ୍ମିତା ସାହୁ, ସଞ୍ଜୀବ ପଟ୍ଟନାୟକ, ଦୀପକ ପ୍ରଧାନ, ଟୁନା ସାହୁ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଦାମୋଦର କୈବର୍ତ୍ତ, ମ୍ୟାନେଜର ସଞ୍ଜୟ ମାଲୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ଭୋଟରଙ୍କୁ ସଚେତନ କଲା ପ୍ରଶାସନ

ତାଳଚେର,୧୦।୩(ନି.ପ୍ର.)- ଆଗାମୀ ନିର୍ବାଚନରେ ୬୦ ତାଳଚେର ନିର୍ବାଚନମଣ୍ଡଳୀରେ ମତଦାତା କିଭଳି ଇଭିଏମ ଓ ଭିଭିପାଟ୍ ବ୍ୟବହାର କରି ଭୋଟଦାନ କରିବେ ସେ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ପଞ୍ଚାୟତ ସମିତି ସଭାଘରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଇଭିଏମ୍ ଓ ଭିଭିପାଟ୍‌ର କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, କର୍ମୀ, ଗଣମାଧ୍ୟମ ପ୍ରତିନିଧି, ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହା ପରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଇଭିଏମ୍ ଓ ଭିଭିପାଟ ମେଶିନରେ ଡମି ମତଦାନ କରିଥିଲେ।

■ଏପ୍ରିଲ ୩ରୁ ଶିକ୍ଷାବର୍ଷ ଆରମ୍ଭ

# ଯୋଗାଣ ହୋଇନି ଆବଶ୍ୟକ ବହି

**ବଅଁରପାଳ,୧୦।୩ (ଡି.ଏନ୍.ଏ.)**



ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଆସିଥିବା ମାଗଣା ପୁସ୍ତକ।

ପ୍ରାଥମିକ ଶିକ୍ଷାର ଅଗ୍ରଗତି ପାଇଁ ସର୍ବଶିକ୍ଷା ଅଭିଯାନ ଜରିଆରେ ସରକାର ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ବହି ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଅନେକ ସମୟରେ ସମସ୍ତ ଛାତ୍ରୀଛାତ୍ରଙ୍କ ନିକଟରେ ଠିକ୍ ସମୟରେ ଏହି ମାଗଣା ପୁସ୍ତକ ପହଞ୍ଚିପାରୁ ନ ଥିବା ଦେଖାଯାଇଥାଏ। ଅନୁଗୋଳ ଜିଲା ବଅଁରପାଳ ବ୍ଲକକୁ ଉଦାହରଣ ଭାବେ ନିଆଯାଇପାରେ। ଆସନ୍ତା ଏପ୍ରିଲ ୩ରେ ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଯାଏ ଆବଶ୍ୟକତା ଅନୁଯାୟୀ ବଅଁରପାଳ ବ୍ଲକ ଶିକ୍ଷା ବିଭାଗକୁ ବହି ଯୋଗାଣ ହୋଇପାରି ନାହିଁ। ପ୍ରାୟ ୯୦ ହଜାର ସ୍ଥାନରେ ବର୍ତ୍ତମାନ ସୁଦ୍ଧା ୫୯ ହଜାର ୮୬୧ ଖଣ୍ଡ ବହି ବିଭାଗକୁ ଆସିଛି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବଅଁରପାଳ ବ୍ଲକରେ ୯୨ଟି ପ୍ରାଥମିକ ବିଦ୍ୟାଳୟ ଓ ୭୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ୨୦୧୭-୧୮ର ହିସାବ ଅନୁଯାୟୀ, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ମୋଟ୍ ୧୭ ହଜାର ୫୫୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ଦେଖିଲେ ଆହୁରି ୩୮ ହଜାର ୧୩୯ ଖଣ୍ଡ ବହିର ଆବଶ୍ୟକତା ରହିଛି। ସେହିପରି ବିଭିନ୍ନ ଶ୍ରେଣୀ ପାଇଁ ଯେଉଁ ବିଷୟଗୁଡ଼ିକ ରହିଛି ସେଥିମଧ୍ୟରୁ କେତେକ ବିଷୟର ବହି ଆସିପାରି ନାହିଁ। ଏପ୍ରିଲ ପୂର୍ବରୁ ସମସ୍ତ ଛାତ୍ରୀଛାତ୍ରଙ୍କ ନିକଟରେ ବହି ନ ପହଞ୍ଚିଲେ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହେବା ଆଶଙ୍କା ରହିଛି। ତେଣୁ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ବହି ଯୋଗାଣ କରିବା ପାଇଁ ଶିକ୍ଷାବିତ୍ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ବଅଁରପାଳ ବି.ଆର୍.ସି.ସି. ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ବ୍ଲକକୁ ଯେଉଁ ଅନୁପାତରେ ବହି ଆସିବା କଥା ତାହା ଆସି ପାରିନାହିଁ। ବର୍ତ୍ତମାନ ସୁଦ୍ଧା ୫୯ ହଜାର ୮୬୧ ଖଣ୍ଡ ବହି ଆସିସାରିଛି। ଏପ୍ରିଲ ପୂର୍ବରୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ସମସ୍ତ ବହି ଯୋଗାଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ବିଆରସିସି ପ୍ରକାଶ କରିଛନ୍ତି।

## ଭିଭିପାଟ୍, ଇଭିଏମ୍ ସମ୍ପର୍କିତ ସଚେତନତା

**ଛେଣ୍ଡିପଦା/ପାଲଲହଡ଼ା, ୧୦।୩(ସ୍ୱ.ପ୍ର./ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହଠାରେ ରବିବାର ଭିଭିପାଟ ଓ ଇଭିଏମ ମେଶିନ ଭୋଟିଂ ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଭିପାଟ ଓ ଇଭିଏମ ଭୋଟିଂ ମେସିନର ସୁରକ୍ଷା, ଭୋଟରଙ୍କୁ ଭିଭିପାଟ୍ ସମ୍ପର୍କରେ ସମସ୍ତ ତଥ୍ୟ ଜଣାଯିବାକୁ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିମାନଙ୍କୁ ସଚେତନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଶ୍ରୀଧର ଗଡନାୟକ, କମ୍ପ୍ୟୁଟର ପ୍ରୋଗ୍ରାମର ବାବୁଲି ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ। ସେହିପରି ପାଲଲହଡ଼ା ବ୍ଲକ ସଭାଗୃହଠାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅଜିତ୍ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ତ୍ରିବିକ୍ରମ କୁମୁରା, ଅତିରିକ୍ତ ତହସିଲଦାର ସୁମନ ମିଞ୍ଜ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ସନ୍ତୋଷ ବେହେରା, ନିର୍ବାହୀ ଅଧିକାରୀ ଫୁଲେଶ୍ୱରୀ ନାଏକ, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝୀ ଯୋଗ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର



@ ଅମରଜ୍ୟୋତି



@ ଲିପୁନା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ୧ ଲକ୍ଷ ୧୪ ହଜାର ୬୩୯ ଶିଶୁ ଖାଇବେ ପୋଲିଓ ବୁନ୍ଦା



ଜଣେ ଶିଶୁକୁ ପୋଲିଓ ବୁନ୍ଦା ଦିଆଯାଉଛି।

**ଅନୁଗୋଳ ଅଫିସ, ୧୦।୩**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଠାରେ ରବିବାର ପୋଲିଓ ଟିକାକରଣ କାର୍ଯ୍ୟକ୍ରମକୁ ଜିଲାପାଳ ମନୋଜ କୁମାର ମହାନ୍ତି ଶୁଭାରମ୍ଭ କରିଥିଲେ। ପୂର୍ବ ବର୍ଷର ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଯେପରି କେହି ଜଣେ ହେଲେ ଶିଶୁ ପୋଲିଓ ବୁନ୍ଦାରୁ ବାଦ୍ ନ ପଡ଼ନ୍ତି ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଯୋଜନା ଅନୁଯାୟୀ, ଜିଲାରେ ଥିବା ୦-୫ ବର୍ଷର ୧ ଲକ୍ଷ ୧୪ ହଜାର ୬୩୯ ଜଣ ଶିଶୁଙ୍କୁ ୫୮୭ଟି ବୁଥ୍‌ରେ ଟିକା ପ୍ରଦାନ କରାଯିବ। ଏଥିପାଇଁ ୨୩୪୮ ଜଣ କର୍ମଚାରୀ, ୧୧୭ ପର୍ଯ୍ୟବେକ୍ଷକ, ୯ଟି ମୋବାଇଲ ଦଳକୁ କାର୍ଯ୍ୟରେ ଲଗାଯାଇଛି। ତେବେ ରବିବାର ୧ ଲକ୍ଷ ୧ ହଜାର ୧୯୦ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିବା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପରେ ଜିଲାପାଳ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରି ରୋଗୀମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ସୁବିଧା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମହାନ୍ତିଙ୍କ ସହ ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ, ଏଡିଏମ୍‌ଓ (ମେଡିକାଲ) ଡା.ଲକ୍ଷ୍ମୀ ନାରାୟଣ ବିଶୋଇଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗ କର୍ମକର୍ତ୍ତା ଓ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।

## ୱାକର୍ସ କ୍ଲବ ତରଫରୁ ମାରାଥନ୍

**ତାଳଚେର,୧୦।୩(ନି.ପ୍ର.)**

ତାଳଚେର ୱାକର୍ସ କ୍ଲବ ତରଫରୁ ସ୍ଥାନୀୟ ଗ୍ରୀନ୍ ଗ୍ରାସ ଷ୍ଟାଡିୟମ୍ ପରିସରରେ ଏକ ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। 'ଚାଲନ୍ତୁ ସୁସ୍ଥ ରୁହନ୍ତୁ' ନାରା ଦେଇ କ୍ଲବର ସଦସ୍ୟ ଓ ବହୁ ବ୍ୟକ୍ତି ସହର ପରିକ୍ରମା କରିଥିଲେ। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ୱାକର୍ସ ୧୦୪ର କୃଷ୍ଣ କୁମାର ଦାସବର୍ମା ଓ ତାଙ୍କ ସ୍ତ୍ରୀ ପ୍ରମିଳା ଦାସବର୍ମା ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ସଭାପତି ଡ. ଅଶୋକ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଡ. ଅଶୋକ କୁମାର ବେହେରା, ହରେକୃଷ୍ଣ ପାତ୍ର, ଇଂ. ରାଜକିଶୋର ନାଏକ ଓ କନ୍ଦର୍ପ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଡ. କୈଳାସ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ଇଂ. ରମେଶ ଚନ୍ଦ୍ର ବେହେରା, ସମ୍ପାଦକ ଅଶୋକ ସାମନ୍ତ, ମନୋରଞ୍ଜନ ପ୍ରଧାନ, ବିନୋଦ ବିହାରୀ ବେହେରା, ଆନନ୍ଦ ଆଚାର୍ଯ୍ୟ, ପ୍ରହ୍ଲାଦ ପରିଡା, ଅକ୍ରମ ବାରିକ, ଇଂ. ଧ୍ରୁବ ଚରଣ ସେଠୀ, ଡ. ନିମାଇଁ ଚରଣ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନାଗରିକ ମଞ୍ଚ ବାର୍ଷିକ ଉତ୍ସବ




ଉପସ୍ଥିତ ଅତିଥି, କର୍ମକର୍ତ୍ତା ଓ ସମ୍ବର୍ଦ୍ଧିତ ପ୍ରତିଭାମାନେ।

**ଅନୁଗୋଳ ଅଫିସ, ୧୦।୩**

ଅନୁଗୋଳ ନାଗରିକ ମଞ୍ଚର ଦଶମ ବାର୍ଷିକ ଉତ୍ସବ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦକିଶୋର ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ଡକ୍ଟର ଦୋଳଗୋବିନ୍ଦ ପ୍ରଧାନ ଯୋଗଦେଇ ଥିଲେ। ପଣ୍ଡିତ ସୌଭାଗ୍ୟ ନାରାୟଣ ମିଶ୍ର ବେଦ ପାଠ କରିଥିଲେ। ମଞ୍ଚ ଉପସଭାପତି ବିମଳ ମିଶ୍ର ସ୍ୱାଗତ ଭାଷଣ, ସମ୍ପାଦକ ଜ୍ୟୋତିପ୍ରକାଶ ମହାପାତ୍ର ବାର୍ଷିକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ବିପିନ କୁମାର ମହାପାତ୍ର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ରମା ଗଡ଼ନାୟକ, ଜୟନ୍ତ ଅଗ୍ରୱାଲ, ପ୍ରଦୀପ ମିଶ୍ର ଓ ରଶ୍ମିରଞ୍ଜନ ପ୍ରମୁଖ ମଞ୍ଚର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବାର୍ଷିକ ଅଧିବେଶନରେ ବୈଜ୍ଞାନିକ ଦୋଳଗୋବିନ୍ଦ ପ୍ରଧାନ, ଆନ୍ତର୍ଜାତିକ କ୍ରୀଡ଼ାବିତ ପ୍ରକାଶ କୁମାର ଗଡ଼ନାୟକ, ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ମିସ୍ ଏସିଆ ଏଲିଗାଣ୍ଟ ନିବେଦିତା ବିଶ୍ୱାଳ ଓ ବିଜ୍ଞାନ ପ୍ରତିଯୋଗିତାରେ କୃତୀ ଛାତ୍ର ଜ୍ୟୋତିରାଦିତ୍ୟ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର କୁମୁଦ ଚନ୍ଦ୍ର ଦାଶ ମାନପତ୍ର ପାଠ କରିଥିବାବେଳେ ବରିଷ୍ଠ ଆଇନଜୀବୀ ରାଜକିଶୋର ମହାରଣା ସଭା ପରିଚାଳନା କରିଥିଲେ। ମଞ୍ଚ ଉପସଭାପତି ଅରୁଣ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସମ୍ପାଦକ ଦୀନେଶ ନାରାୟଣ ମିଶ୍ର ପରିଚାଳନା କରିଥିଲେ।

# କୃତୀ ଛାତ୍ରୀଛାତ୍ର, କ୍ଲବ ପୁରସ୍କୃତ



ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବକୁ ପୁରସ୍କାର ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୧୦।୩**

ଅନୁଗୋଳ ହାଲଚାଲର ୧୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଜିଲା କଳାକେନ୍ଦ୍ର ଠାରେ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ଜଗନ୍ନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର ବରିଷ୍ଠ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ମୁଖ୍ୟବକ୍ତା ଆଇନଜୀବୀ ପରମାନନ୍ଦ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ କୁମାର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ର, ଓଡ଼ିଶା ମୋଟର ଚାଳକ ସଂଘ, ହେମସୁରପଡ଼ା ଓ ରାଧାରମଣପଡ଼ା ଭାଗବତ ଟୁଙ୍ଗି ସହ ସରୋଜ ଡ୍ୟାନ୍ସ କ୍ରିଉ ଓ କଳା ନିକେତନକୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ସାମାଜିକ କାର୍ଯ୍ୟ ସହ କ୍ରୀଡ଼ାର ପ୍ରଚାର, ପ୍ରସାର କରୁଥିବାରୁ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ଓ କ୍ଲବ ଗଣପତ ଅମଲାପଡ଼ାକୁ ପୁରସ୍କୃତ କରାଯାଇଥିଲା। ସାଇନ୍ସ ଷ୍ଟଡି ସେଣ୍ଟର ଓ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ବିଶ୍ୱରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଶ୍ୱିନୀ ଦଳବେହେରା ଓ ଆଦିତ୍ୟ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ।

# ବୁଥ୍‌ର ୨ଶହ ମିଟର ମଧ୍ୟରେ ପ୍ଲାଷ୍ଟିକ ମନା

**ଅନୁଗୋଳ ଅଫିସ, ୧୦।୩**

ଇଭିଏମ୍ ଓ ଭିଭିପାଟର ବ୍ୟବହାର ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଜିଲାସ୍ତରୀୟ ପ୍ରଦର୍ଶନ କାର୍ଯ୍ୟକ୍ରମ ଜିଲାପାଳ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ କହିଥିଲେ ଯେ, ଗତ ୪ଟି ନିର୍ବାଚନରେ କେବଳ ଇଭିଏମ୍ ବ୍ୟବହାର ହେଉଥିଲା। କିନ୍ତୁ ଚଳିତ ବର୍ଷ ଭିଭିପାଟ୍ ନୂଆ କରି ବ୍ୟବହାର ହେଉଥିବାରୁ ଏହା ସମ୍ପର୍କରେ ସମସ୍ତେ ଜାଣିବା ଦରକାର। ଭୋଟଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ସହ ଏହି ନୂତନ ପ୍ରକ୍ରିୟାରେ ମତଦାତା ଯାହାକୁ ଭୋଟ ଦେବେ ତାହା ଦେଖିପାରିବେ। ସେହିପରି ଆସନ୍ତା ନିର୍ବାଚନରେ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଦୃଷ୍ଟିରେ ରଖି ଭୋଟଦାନ କେନ୍ଦ୍ରର ୨ ଶହ ମିଟର ମଧ୍ୟରେ କେହି ପ୍ଲାଷ୍ଟିକ ପାଣି ବୋତଲ ଓ ପାଉଚ ନ ପକାଇବାକୁ ଜିଲାପାଳ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କେହି ଜଣେ ମତଦାତା ଯେପରି ମତଦାନରୁ ବଞ୍ଚିତ ନ ରୁହନ୍ତି ସେ ସମ୍ପର୍କରେ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପଜିଲାପାଳ ବାସୁଦେବ ଶତପଥୀ ଏହି ସ୍ୱତନ୍ତ୍ର ଅଭିଯାନ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ବେହେରା, ତହସିଲଦାର ବିଚିତ୍ରା ନନ୍ଦ ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।



ଇଭିଏମ୍ ଓ ଭିଭିପାଟ୍ ସମ୍ପର୍କରେ ସଚେତନ କରାଯାଉଛି।

## ବଳିଷ୍ଠ ମା' ସର୍ବଦା ଆଦର୍ଶ

**ଅନୁଗୋଳ ଅଫିସ, ୧୦।୩**

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜେଏମ୍‌ଏଫ୍‌ସି ନିଲଫେର, ବିଚାର ବିଭାଗୀୟ ପ୍ରୋବେଶନର ସୁହାନି ପଟ୍ଟନାୟକ, ତାରିଣୀ ପ୍ରସାଦ ସାହୁ, ଚରଣ କୁମାର ଦାସ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ଆଇନଜୀବୀ ବସନ୍ତ କୁମାର ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବସନ୍ତ କୁମାର ପ୍ରଧାନ, ପ୍ରାକ୍ତନ ଅଧ୍ୟାପିକା ଇନ୍ଦିରା ଦାଶ, ପ୍ରାଧିକରଣ ସଦସ୍ୟ ପର୍ଶୁରାମ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଜଣେ ବଳିଷ୍ଠ ମା' ସବୁ ସମୟରେ ଆଦର୍ଶ ହୋଇ ରହିଛି ବୋଲି ଅତିଥିମାନେ ବକ୍ତବ୍ୟ ଦେଇଥିଲେ। ବିଜେଡି କଲେଜ ଅଧ୍ୟକ୍ଷା ପୁଷ୍ପଲତା ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ବ୍ଲଡ୍ ଟ୍ରାନ୍ସଫର ଭ୍ୟାନ୍‌ରେ ନିଆଁ



ଅନୁଗୋଳ ଅଫିସ, ୧୦।୩- ଅନୁଗୋଳ ରକ୍ତ ଭଣ୍ଡାର ଗାଡ଼ିରେ ରବିବାର ସକାଳେ ହଠାତ୍ ଅଗ୍ନିକାଣ୍ଡ ଘଟିଛି। ଏହାର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ସ୍ଥାନୀୟ ଲୋକେ ତୁରନ୍ତ ନିଆଁକୁ ଆୟତ୍ତ କରିଥିବାରୁ ଭ୍ୟାନ୍‌ଟି ରକ୍ଷା ପାଇଯାଇଛି। ଘଟଣାରୁ ପ୍ରକାଶ ଯେ, ଅନୁଗୋଳ ରକ୍ତ ଭଣ୍ଡାରରୁ ଏହି ଗାଡ଼ି (ନଂ. ଓଆର୦୨ବିଏଚ-୧୫୭୯) ବ୍ଲଡ୍ କ୍ୟାମ୍ପ ପାଇଁ ଛେଣ୍ଡିପଦା ଯିବାକୁ ପ୍ରସ୍ତୁତ ହୋଇଥିଲା। କର୍ମଚାରୀଙ୍କ ଆସିବା ବିଳମ୍ବ ହେବାରୁ ଚାଳକ ପେଟ୍ରୋଲ ପକାଇବା ପାଇଁ ଯାଉଥିଲେ। କିନ୍ତୁ ମେଡିକାଲ ମୁଖ୍ୟ ଫାଟକରୁ ଶହେ ମିଟର ଯିବା ପରେ ଇଞ୍ଜିନରୁ ଧୂଆଁ ବାହାରିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଏଥିସହ ସେମାନେ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ। ପରେ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ବିଶ୍ୱଜିତ ସାମଲ ପହଞ୍ଚିବା ସହ ଅନ୍ୟ ଏକ ଗାଡ଼ିକୁ କ୍ୟାମ୍ପକୁ ପଠାଇବା ବ୍ୟବସ୍ଥା କରିଥିଲେ। ଏ ନେଇ ରକ୍ତ ଭଣ୍ଡାର ଅଧିକାରୀ ସାମଲ କହିଛନ୍ତି, କେଉଁ କାରଣରୁ ଗାଡ଼ିରେ ନିଆଁ ଲାଗିଥିଲା ତାହା ଜଣାପଡ଼ି ନାହିଁ।

### ଗୋପବନ୍ଧୁ ପାର୍କରୁ ଗାଡ଼ି ଚୋରି

ଅନୁଗୋଳ ଅଫିସ, ୧୦।୩- ଅନୁଗୋଳ ଗୋପବନ୍ଧୁ ପାର୍କରୁ ରବିବାର ଏକ ଗାଡ଼ି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ରବିବାର ସାହିଲ ସରକାର ପାର୍କ ଭିତରକୁ ବୁଲିବା ପାଇଁ ଯାଇଥିଲେ। ତାଙ୍କ ମୋଟର ସାଇକେଲ (ନଂ.ଓଆର୍୧୯ବି-୮୬୦୭)କୁ ପାର୍କ ବାହାରେ ରଖିଥିଲେ। କିନ୍ତୁ ଫେରିବା ବେଳକୁ ସେଠାରେ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ। ଖୋଜାଖୋଜି କରିଥିଲେ ମଧ୍ୟ ଗାଡ଼ି ନ ମିଳିବାରୁ ସେ ଥାନାରେ ଅଭିଯୋଗ କରିଥିଲେ।

# 'ଭାଜପା ଆସିଲେ ରାଜ୍ୟର ବିକାଶ ହେବ'



ଭାଜପାର ସଂକଳ୍ପ ଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

**ବଇଣ୍ଡା, ୧୦।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ଶୈବପୀଠ ପଡ଼ିଆଠାରେ ରବିବାର ଭାଜପାର ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି। ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ଯୋଗ ଦେଇଥିଲେ। ସେ ପ୍ରଥମେ ବାମୁର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରେ ମାଲ୍ୟାର୍ପଣ କରିବା ପରେ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ଆୟୋଜିତ ସଂକଳ୍ପ ଯାତ୍ରା ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ମୋଦି ସରକାର ସବୁବେଳେ ବିକାଶ କଥା ଚିନ୍ତା କରନ୍ତି। କଂଗ୍ରେସ ଅମଳରେ ଆତଙ୍କବାଦୀ ଆକ୍ରମଣର କୌଣସି ଜବାବ ଦିଆଯାଇନାହିଁ। ହେଲେ ମୋଦି ସରକାରରେ ଆତଙ୍କବାଦୀ ଆକ୍ରମଣର ଜବାବ ଦିଆଯାଇଛି। ମୋଦି ସୁଶାସନ ଦେବାକୁ ଚାହୁଁଛନ୍ତି। ମୋଦିଙ୍କ ଲୋକପ୍ରିୟତାକୁ ଦେଖି କଂଗ୍ରେସ ଛାନିଆ ହୋଇପଡ଼ିଛି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ପୁଣି ଥରେ ଲୋକେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି। ଓଡ଼ିଶାରେ ଦୀର୍ଘ ବର୍ଷ ଧରି ବିଜେଡି ଶାସନରେ ସବୁଗାଁକୁ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ପହଞ୍ଚି ନ ଥିବାବେଳେ ଲୋକଙ୍କୁ ୨୪ ଘଣ୍ଟା ବିଦ୍ୟୁତ୍ ସେବା ମିଳୁନାହିଁ। କାଳିଆ ଯୋଜନାରେ ଚାଷୀଙ୍କୁ ଟଙ୍କା ମିଳୁନାହିଁ। ଏକ ଲକ୍ଷ କୋଟି ଟଙ୍କା ରାଜ୍ୟବାସୀଙ୍କ ଉପରେ ଋଣ ହେଲାଣି। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଲୋକଙ୍କୁ ଟଙ୍କା ମିଳୁନାହିଁ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରାଉନାହାନ୍ତି। ଏବେ ବିଜେଡିରେ ଦୁର୍ନୀତିଗ୍ରସ୍ତ ଲୋକ ଏକାଠି ହୋଇଛନ୍ତି। ଆଗାମୀ ନିର୍ବାଚନରେ ଲୋକେ ଏହାର ଜବାବ ଦେଇ ଭାଜପାକୁ ଶାସନକୁ ଆଣିଲେ ରାଜ୍ୟର ବହୁ ବିକାଶ ହୋଇପାରିବ ବୋଲି ପ୍ରଧାନ କହିଥିଲେ। କେନ୍ଦ୍ରରେ ମୋଦି ଓ ରାଜ୍ୟରେ ଭାଜପା ସରକାର ଗଠନ କରିବା ପାଇଁ କର୍ମୀମାନେ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ସମ୍ବଲପୁର ଲୋକ ସଭା ପ୍ରଭାରୀ ସୁରେଶନ ପାତ୍ର, ଜିଲାପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ଚିତ୍ତରଞ୍ଜନ ମେହେର, ସଂଗ୍ରାମ ମହାପାତ୍ର, ଅରବିନ୍ଦ ସାହୁ, ଡ. ଅଲେଖ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ପ୍ରତାପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଜିତ୍ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପଞ୍ଚଶ୍ରୀକ୍ଷେତ୍ରରେ ପ୍ରତିଷ୍ଠା ଉତ୍ସବ

**ବଅଁରପାଳ, ୧୦।୩ (ଡି.ଏନ୍.ଏ.)**

ବଅଁରପାଳ ସ୍ଥିତ ପଞ୍ଚଶ୍ରୀକ୍ଷେତ୍ରରେ ରବିବାର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଠାକୁରଙ୍କ ଯଥା ରୀତି ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ହୋମଯଜ୍ଞ, ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ମନ୍ଦିର ଉପଦେଷ୍ଟା ସତ୍ୟବାନ ବରାହ ଓ କୁମୁଦିନୀ ବରାହ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଗୋତମରା, ନୂଆହତା, କୁଲାଡ଼, ବୁଢ଼ାପଙ୍କ, ବଅଁରପାଳ, ତଳମୂଳ, ବନ୍ଦା ଆଦି ପାଞ୍ଚଗଡ଼ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମନ୍ଦିର କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। କୁଲାଡ଼ ଗ୍ରାମର ଭି. ଭାସ୍କର ରାଏ ମନ୍ଦିର କମିଟିକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଥିଲେ।



ମନ୍ଦିର ପ୍ରତିଷ୍ଠା କରାଯାଉଛି।






For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.
ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ - 276304. ଛେଣ୍ଡିପଦା : ତାରା ମୋଟର୍ସ - 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍‌ସ - 226260. କାମାକ୍ଷାନଗର: ରିଲାଏବ୍ଲ ଅଟୋମୋବାଇଲ୍‌ସ - 270394.



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ